# ଲେଖକ ମନୋଜ ଦାସ ସାଧକ ମନୋଜ ଦାସ

**(୨୭ ଫେବୃୟାରୀ ୧୯୯୪ ସୁବିଖ୍ୟାତ କଥାକାର ଶ୍ରୀଯୁକ୍ତ ମନୋଜ ଦାସଙ୍କର ଏକଷଠିତମ ଜନ୍ମଦିନ ଉପଲକ୍ଷେ)**

ଆନ୍ତର୍ଜାତିକ ସ୍ତରରେ ସୁବିଖ୍ୟାତ ଲେଖକ ଶ୍ରୀଯୁକ୍ତ ମନୋଜ ଦାସ । ବ୍ୟକ୍ତିଗତ ଭାବରେ ତାଙ୍କୁ ଜାଣିବାର ସୁଯୋଗ ତ ନ ଥିଲା । ତାଙ୍କୁ ଜାଣିଥିଲି ତାଙ୍କର ଗଳ୍ପ, ଉପନ୍ୟାସ, ଫିଚର ଇତ୍ୟାଦିରୁ । ତାଙ୍କର ଅଧିକାଂଶ ଲେଖାରେ ବ୍ୟଙ୍ଗ ବିଦ୍ରୂପର ସୂକ୍ଷ୍ମ ସ୍ୱରଟିଏ ନିଶ୍ଚୟ ଅନୁରଣିତ ହେଉଥାଏ । ତେଣୁ ତାଙ୍କର 'ଠିକଣା' ସହିତ ଲେଖାର ସ୍ୱର ମୁଁ ମିଳାଇ ପାରୁ ନ ଥିଲି । ତାଙ୍କ ସହିତ ସାକ୍ଷାତ କରିବାର ଏକ ସୁଯୋଗ ମିଳିବା ପରେ ମୋ ଭିତରେ ଅନେକ ଦିନରୁ ଅନୁରଣିତ କିଛି ପ୍ରଶ୍ନ ପଚାରିଥିଲି । ମୋର ପ୍ରଥମ ପ୍ରଶ୍ନଟି ଥିଲା ଏହିପରି- "ଆପଣ ବିଗତ ତିରିଶ ବର୍ଷରୁ ଊର୍ଦ୍ଧ୍ୱ ପଣ୍ଡିଚେରୀରେ ଶ୍ରୀ ଅରବିନ୍ଦ ଆଶ୍ରମର ଆଧ୍ୟାତ୍ମିକ ବାତାବରଣ ସହିତ ଅଙ୍ଗାଙ୍ଗୀଭାବରେ ଜଡ଼ିତ । ଅନ୍ୟ ଅର୍ଥରେ ଆପଣ ଜଣେ ସାଧକ । ସାଧକମାନେ କାହାରିକୁ ବ୍ୟଙ୍ଗ ବିଦ୍ରୂପ କରିବା ସାଧାରଣତଃ ଦେଖାଯାଏ ନାହିଁ । ସାଧକ ମନୋଜ ଦାସ ଲେଖକ ମନୋଜ ଦାସଙ୍କଠାରୁ ଭିନ୍ନ କି ?"

ମୋର ଏଇ ପିଲାଳିଆ ପ୍ରଶ୍ନ ତାଙ୍କୁ ଆମୋଦିତ କଲା ହୁଏତ । ସେ ଉତ୍ତର ଦେଲେ, "ଏ ପ୍ରଶ୍ନର ଉତ୍ତର ବିଭିନ୍ନ ପର୍ଯ୍ୟାୟରେ ଦିଆଯାଇ ପାରେ । ମୁଁ ଜଣେ ସାଧକ ବୋଲି ଯୋଉ କଥା ଆପଣ ଦୟାକରି କହୁଛନ୍ତି, ସେଇଟା ମୋର ବ୍ୟକ୍ତିଗତ ଜୀବନର କଥା । ସେଇ ଦିଗକୁ ମୁଁ କେତେବେଳେ ମୋର ଜ୍ଞାତସାରରେ ମୋର ଲେଖାଲେଖି ଭିତରକୁ ଆଣି ନାହିଁ । ସାଧନା ହେଉଛି ଗୋଟିଏ ଚେତନା ରାଜ୍ୟର ବ୍ୟାପାର ଆଉ ଯେତେବେଳେ ଜଣଙ୍କର ଚେତନାରେ ପରିବର୍ତ୍ତନ ହେଉଥାଏ, ସେତେବେଳେ ସ୍ୱତଃସ୍ଫୂର୍ତ୍ତ ଭାବରେ ତା'ର ଲେଖାରେ ତା'ର ପ୍ରତିଫଳନ ଘଟିବ । କିନ୍ତୁ ସଚେତନ ଭାବରେ ମୁଁ କେବେ ମୋ ଲେଖା ଭିତରକୁ ତାକୁ ଆଣି ନଥାଏ । ବ୍ୟଙ୍ଗ ଆଉ ସାଧନା, ଏ ଦୁଇଟି ପରସ୍ପରର ବିରୋଧୀ ନୁହନ୍ତି । ବ୍ୟଙ୍ଗ ହେଉଛି ସାହିତ୍ୟ ରାଜ୍ୟର ଏକ ଶୈଳୀ ବିଶେଷ । ଥରେ ଜଣେ ଶ୍ରୀ ଅରବିନ୍ଦଙ୍କୁ ପଚାରିଥିଲେ, "ଆଜ୍ଞା, Integral ଯୋଗରେ humourର ସ୍ଥାନ କିଛି ନାହିଁ ନିଶ୍ଚୟ ?" ଶ୍ରୀଅରବିନ୍ଦ ଉତ୍ତର ଦେଲେ

"Then how can it be integral ?" ଆଉ ଯେମିତି ସାଧାରଣତଃ ଦାର୍ଶନିକମାନେ କହି ଥାଆନ୍ତି, ଯିଏ ଜୀବନକୁ ନେଇ ହସିପାରେ, ସେ ହେଉଛି ପ୍ରକୃତରେ ଅପେକ୍ଷାକୃତ ସଚେତନ ବ୍ୟକ୍ତି । ବ୍ୟଙ୍ଗ, ହାସ୍ୟ, ମାଧୁର୍ଯ୍ୟ । ଏସବୁ ପରସ୍ପରର ଖୁବ୍ ପାଖାପାଖି ଭାବସବୁ । ଆପଣ ଯାହାକୁ ବ୍ୟଙ୍ଗ ବୋଲି କହୁଛନ୍ତି ଅନ୍ୟ ଜଣେ ତାକୁ ଦେଖିବ ଅନ୍ୟ ଦୃଷ୍ଟିରେ । ଗୋଟାଏ ହେଉଛି ବ୍ୟକ୍ତିଗତ ବ୍ୟଙ୍ଗ ଯେଉଁଥିରେ ଜଣକୁ ବ୍ୟକ୍ତିଗତ ଭାବରେ ବ୍ୟଙ୍ଗ କରାଯାଏ, ଆଉ ସେଇ Individual ଯଦି Identified ହୋଇଥାଏ- ଗୋଟାଏ ଚରିତ୍ରର ଉଦାହରଣ ମୁଁ ଦେଉଛି, ଧରନ୍ତୁ ଗୋଟାଏ ନିଷ୍ଠୁର, ଲୋଭୀ, କ୍ରୂର ମହାଜନ ଚରିତ୍ର, ତାକୁ ବ୍ୟଙ୍ଗ କଲି । ସେଇ ଚରିତ୍ରକୁ ତ କୌଣସି ବ୍ୟକ୍ତି ସହିତ identify କରୁ ନାହାନ୍ତି ; ଯଦି କରୁଥିବେ, କୌଣସି ବ୍ୟକ୍ତି ବିଶେଷକୁ identify କରାଯାଉ ନଥିବ । ବ୍ୟକ୍ତିର ଦୁର୍ଗୁଣ ବା ଦୁର୍ବଳତାକୁ identify କରାଯାଉଥିବ । ସେହି ଦୃଷ୍ଟିରୁ ବ୍ୟଙ୍ଗଟା ହେଉଛି ଏକ ନିର୍ବ୍ୟକ୍ତିକ ବ୍ୟଙ୍ଗ, ତାହା ବ୍ୟକ୍ତିବିଶେଷ ପାଇଁ ଉଦ୍ଦିଷ୍ଟ ନୁହେଁ । ସେଇଟା ଗୋଟାଏ ସାମୂହିକ ଭାବରେ ପରିଦୃଷ୍ଟ ଗୋଟାଏ ଲୋକର



ଦୁର୍ବଳତା ବା ଦୁର୍ଗୁଣ ପ୍ରତି ବ୍ୟଙ୍ଗ, ଯେଉଁ ବ୍ୟଙ୍ଗଟା ସର୍ବଦା ଉତ୍ତମ ସାହିତ୍ୟରେ ଗ୍ରହଣୀୟ । ଯେତେବେଳେ ଜଣେ ବ୍ୟକ୍ତିଗତ ଭାବରେ କାହାକୁ ବ୍ୟଙ୍ଗକରେ ସେତେବେଳେ ତାହା ନିଷ୍ଠୁରତା ପର୍ଯ୍ୟାୟକୁ ଆସିପାରେ । ଯଦି ସେହି ବ୍ୟକ୍ତିକୁ ବ୍ୟଙ୍ଗ କରାଯିବା ଉଚିତ, ଯେମିତି ମୁଁ ହିଟଲରକୁ ବ୍ୟଙ୍ଗ କଲି ବା ଇଦି ଅମୀନଙ୍କୁ ବ୍ୟଙ୍ଗକଲି, ସେମାନଙ୍କୁ ବ୍ୟଙ୍ଗ କରିବା ଅର୍ଥ ସେମାନଙ୍କୁ ନାପସନ୍ଦ କରିବା । ବ୍ୟଙ୍ଗଟା କ'ଣ ? ଗୋଟାଏ ନିର୍ଦ୍ଦିଷ୍ଟ ମଣିଷର ବ୍ୟବହାର ବା ଆଚରଣକୁ ନାପସନ୍ଦ କରିବାର ଗୋଟାଏ ଢଙ୍ଗ ହେଉଛି ବ୍ୟଙ୍ଗ ।"

ମୁଁ ପ୍ରଶ୍ନ କରିଥିଲି ; "ଆପଣ କହିଲେ, ଯେତେବେଳେ ଜଣେ ବ୍ୟକ୍ତିଗତ ଭାବରେ କାହାକୁ ବ୍ୟଙ୍ଗ କରେ, ତାହା ନିଷ୍ଠୁରତା ପର୍ଯ୍ୟାୟକୁ ଆସିପାରେ । ମାତ୍ର ଆପଣଙ୍କ ଗଳ୍ପ ମାନଙ୍କରେ ଆପଣ ଯେଉଁ ଚରିତ୍ରମାନଙ୍କୁ ବ୍ୟଙ୍ଗ କରିଛନ୍ତି । ସେଗୁଡ଼ିକ ଏତେ ବାସ୍ତବ ଲାଗେ ଯେ ମନେ ହୁଏ ଯେମିତି ବାସ୍ତବ ଜୀବନରେ ସେଭଳି ଚରିତ୍ରମାନଙ୍କ ସଂସ୍ପର୍ଶରେ ଆପଣ ଆସିଛନ୍ତି ।"

ମନୋଜ ଦାସ କହି ଉଠିଥିଲେ, "ନିଶ୍ଚୟ, ନିଶ୍ଚୟ ।"

ମୁଁ କହିଲି, "ସେଇ ଚରିତ୍ରମାନେ ଯଦି କେବେ ଆପଣଙ୍କ କାହାଣୀରେ ନିଜକୁ ଆବିଷ୍କାର କରି ମନରେ ଦୁଃଖ ପାଆନ୍ତି ?"

ମନୋଜ ଦାସ କହିଲେ, "ଦୁଃଖ ପାଇଲେ ତ ଉତ୍ତମ । ଯଦି ତାଙ୍କୁ ବ୍ୟଙ୍ଗ କରାଯାଇଛି ଏବଂ କୌଣସି ଏକ 'ଜେନୁଇନ୍' ଦୋଷ ପାଇଁ ବ୍ୟଙ୍ଗ କରାଯାଇଛି । ସେ ଯଦି ବୁଝିପାରିଲା ଯେ ଏଭଳି ଏକ ଦୋଷ ତା'ର ରହିଛି । ତା ହେଲେ ସେ ସେନ୍ସିବଲ୍ । ତା'ର ନିଜର ଦୋଷ ବୁଝିପାରିବା ଭଳି ସାମର୍ଥ୍ୟ ତା'ର ରହିଛି । ଅଧିକାଂଶଙ୍କର ସେ ସାମର୍ଥ୍ୟ ନଥାଏ । ସେଇ ଦୁଃଖ ବା ଅପମାନବୋଧରୁ ନିଜର ଭୁଲ ସଂଶୋଧନ କରିବାର ପ୍ରବୃତ୍ତି ଆସି ପାରେ ।" ମୋର ପରବର୍ତ୍ତୀ ପ୍ରଶ୍ନ ଥିଲା, "ରାଜନୀତିକ ବ୍ୟଙ୍ଗରଚନା ପାଇଁ ଆପଣ ପ୍ରାୟ ରୂପକଥାର formକୁ ଗ୍ରହଣ କରିଛନ୍ତି, ଅଥବା ପଶୁପକ୍ଷୀଙ୍କର ଚରିତ୍ରକୁ ମାଧ୍ୟମ କରିଛନ୍ତି । ସମକାଳୀନ ପରିବେଶରୁ ନିଜକୁ ଅସଂପୃକ୍ତ ରଖିବା ପାଇଁ ଏହା କରିଛନ୍ତି କି ?"

"ନା- ନା ତା ନୁହେଁ । ମୁଁ ଚାହୁଁଛି ସେ ଗଳ୍ପର ସମସାମୟିକ ଘଟଣାବଳୀ ପ୍ରତି ଯେଉଁ ବକ୍ତବ୍ୟ ଏଇଟା ସମସ୍ତେ ଉପଲବ୍ଧି କରନ୍ତୁ । କିନ୍ତୁ ଯେଉଁ Technique of fables , ସେ ହେଉଛି ଆମର ପରମ୍ପରାଗତ technique , ସେଇ technique ଜରିଆରେ କେତେକ ବକ୍ତବ୍ୟ ଉପସ୍ଥାପିତ କରିବା ସହଜ ହୋଇଯାଏ, ଯୋଉଟା Real life character ବା ମଣିଷ ଚରିତ୍ର ନିଆଗଲେ ସମ୍ଭବପର ହୋଇନଥାଏ । ଯେତେବେଳେ ବିଷ୍ଣୁଶର୍ମା ପଞ୍ଚତନ୍ତ୍ର କାହାଣୀ ଲେଖିଥିଲେ ସେ ଯେ ମଣିଷ ଚରିତ୍ର ସୃଷ୍ଟିକରି ପାରୁ ନଥିଲେ, ତା' ନୁହେଁ ; କିନ୍ତୁ ସେ ସାମଗ୍ରୀକ ଭାବରେ ଏହି technique କୁ ଗ୍ରହଣ କରିଥିଲେ । କାରଣ ଯା' ଜରିଆରେ ବହୁତ କିଛି କହିବା ସହଜ ହୁଏ, ଯୋଉଟା କି ବାସ୍ତବ ଚରିତ୍ର ଜରିଆରେ କରିବାକୁ ହେଲେ ପାଞ୍ଚପୃଷ୍ଠା ଜାଗାରେ ପାଞ୍ଚ ହଜାର ପୃଷ୍ଠା ଲେଖିବାକୁ ହେବ । ତେଣୁ ଏଇଟା ଗୋଟାଏ accepted technique

ମୁଁ ପଚାରିଲି, "ଯେଉଁ ଧରଣର ଗଳ୍ପମାନ ଆପଣଙ୍କର ଗାଳ୍ପିକ ଜୀବନର ପ୍ରାରମ୍ଭରେ ରଚନା କରିଥିଲେ, ସେଇ ସମାଜବାଦୀ ବାସ୍ତବତାକୁ ନେଇ ଗଳ୍ପ ଲେଖିବାର ଆବଶ୍ୟକତା ଆଉ ନାହିଁ କି ?"

ଶ୍ରୀଯୁକ୍ତ ଦାସ ଉତ୍ତର ଦେଲେ, "ଯେଉଁ ଲେଖାସବୁ ଲେଖା ହୋଇଛି, ସେ ଲେଖା ପଛରେ ମଧ୍ୟ ସତ୍ୟ ଥିଲା, ପ୍ରେରଣା ଥିଲା । ଯେଉଁ ଲେଖକ ଲେଖେ, ସେ ଭାବେ ନାହିଁ ଯେ ସେଇ ଲେଖା ସେଇ ପାଞ୍ଚବର୍ଷ ପାଇଁ ନିର୍ଦ୍ଦିଷ୍ଟ ବୋଲି । ତେଣୁ ଯେଉଁସବୁ ଗଳ୍ପରେ ସେଇ ଧାରା ମୁଁ ଦେଇଛି- ବାସ୍ତବବାଦୀ ଚିନ୍ତାଧାରା- ସେସବୁ ମଣିଷର ସ୍ଥୂଳ ସମସ୍ୟାକୁ ଭିତ୍ତିକରି ଲେଖା ହୋଇଥିଲା । ଯେମିତି 'ସମୁଦ୍ରର କ୍ଷୁଧା', 'ଜୀବନର ସ୍ୱାଦ', ତା'ର କିଛି କିଛି ଗଳ୍ପ 'କଥା ଓ କାହାଣୀ'ରେ ଅଛି ।

ପରବର୍ତ୍ତୀ ସମୟରେ ମଣିଷର ମାନସିକ ସମସ୍ୟାକୁ ନେଇ ଲେଖା ସବୁ ମୁଁ ଲେଖିଛି । ସ୍ଥୂଳ ସମସ୍ୟା- ସୂକ୍ଷ୍ମସମସ୍ୟା, ଉଭୟ ସମସ୍ୟା, କିନ୍ତୁ ମୁଁ ମନେ କରେ ପ୍ରକୃତରେ ଯେଉଁଟା ସ୍ଥୂଳ ସମସ୍ୟା ରୂପେ ପ୍ରକଟିତ ହୁଏ, ତା'ର sourceଟା ହେଉଛି ଚେତନା ଭିତରେ । ସ୍ଥୂଳ ସମସ୍ୟା ଯୋଗୁଁ ଚେତନାର ସମସ୍ୟା ନୁହେଁ, ଚେତନାର ସମସ୍ୟା ଯୋଗୁଁ ସ୍ଥୂଳ ସମସ୍ୟା । ସେଥିପାଇଁ ପରବର୍ତ୍ତୀ ସମୟରେ ଚେତନା ଉପରେ ଗୁରୁତ୍ୱ ଦେଇ ସେଭଳି ଗଳ୍ପସବୁ ମୁଁ ଲେଖିଛି ।

ସମାଜ ପ୍ରତି ଯେଉଁ Message ସେ ଗପରେ ଅଛି । ସେ ଅକାମୀ ହୋଇଯାଇନି, ସେ ଗପସବୁ with drawn ହୋଇ ଯାଇନି । ଫକୀର ମୋହନଙ୍କ ଗପ ଆଜି ବି ଆମେ ପଢୁଛୁ ।

ଆଉ ପଚାଶ ବର୍ଷ ପରେ ବି ହୁଏତ ପଢୁଥିବୁ । ଯଦି ଗଳ୍ପରେ କିଛି Worth ନଥିବ ଯଦି Art ହିସାବରେ କିଛି ମୂଲ୍ୟ ନଥିବ, ତା'ହେଲେ ସମୟ ହେଉଛି ଶ୍ରେଷ୍ଠ ବିଚାରକ, କାଳକ୍ରମେ ସେସବୁ ଅନ୍ତର୍ହିତ ହୋଇଯିବ ।

ସାକ୍ଷାତକାର- ପ୍ରବୀଣା ମହାନ୍ତି